ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୨୧ ଡିସେମ୍ବର, ୨୦୨୦



**ଶରଣକୁଳରେ କୃଷକ ଶ୍ରଦ୍ଧାଞ୍ଜଳି ସଭା**

**ନୟାଗଡ ଅଫିସ:** ଅଖିଳ ଭାରତ କୃଷକ ସଂଘର୍ଷ ସମନ୍ୱୟ ସମିତିର ଆହ୍ୱାନକ୍ରମେ ଦିଲ୍ଲୀ ଠାରେ ଚାଲିଥିବା ଚାଷୀ ଧର୍ମଘଟ ୨୪ ଦିନରେ ପହଞ୍ଚିଛି। ଏହି ଧର୍ମଘଟ ବଢୁଥିବାବେଳେ ୩୦ରୁ ଉର୍ଦ୍ଧ ଚାଷୀଙ୍କର ମୃତ୍ୟୁ ହୋଇ ସାରିଲାଣି। ମୃତ ଚାଷୀଙ୍କ ସ୍ମୃତିରେ କୃଷକ ମୋର୍ଚ୍ଚା ନେତୃତ୍ୱରେ ଶରଣକୁଳରେ କୃଷକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଛି। ଜିଲା ସଭାପତି ଗୋଲକ ବିହାର ମୁଦୁଲିଙ୍କ ଅଧ୍ୟକ୍ଷତାରେ ଶହୀଦ ସ୍ତମ୍ଭରେ ପୁଷ୍ପମାଲ୍ୟ ପୂର୍ବକ ଶ୍ରଦ୍ଧାଞ୍ଜଳି ପ୍ରଦାନ କରାଯାଇଥିଲା। ଏଥିରେ କୃଷକ ନେତା ବିଶ୍ୱନାଥ ମହାପାତ୍ର, ଲକ୍ଷ୍ମୀଧର ପ୍ରଧାନ, ଭାଗବତ ପ୍ରଧାନ ଓ ସରୋଜ ନାୟକ ଯୋଗଦେଇ କେନ୍ଦ୍ର ସରକାରଙ୍କ ବିରୋଧରେ ଟିପ୍ପଣି ଦେଇଥିଲେ।

## ସଂକ୍ଷେପରେ

### ଯୁବତୀଙ୍କୁ ଅପହରଣ ଉଦ୍ୟମ: ଯୁବକ ଗିରଫ

**ଧର୍ମଶାଳା,୨୦।୧୨(ଡି.ଏନ.ଏ.):** ଧର୍ମଶାଳା ଥାନା କୋଟପୁର ଫାଣ୍ଡି ଅଧୀନ ଏକ ଗ୍ରାମରୁ ଜଣେ ଯୁବତୀଙ୍କୁ ଅପହରଣ ଉଦ୍ୟମ ହୋଇଥିବା ଅଭିଯୋଗ ହୋଇଛି। ଘଟଣାରେ ଧର୍ମଶାଳା ଥାନା ପୋଲିସ କେନ୍ଦୁଝର ଜିଲା ଘସିପୁରା ଥାନା ଅଧୀନ ଜଳସୁଆପାଟଣା ଗ୍ରାମର ଅଲେଖ ସାହୁ(୩୫)ଙ୍କୁ ରବିବାର ଗିରଫ କରି କୋର୍ଟଚାଲାଣ କରିଛି। ଶନିବାର ରାତିରେ କେତେଜଣ ଯୁବକ ଏକ ବୋଲେରୋରେ ଆସି ଯୁବତୀଙ୍କ ଘର କବାଟ ବାଡ଼େଇଥିଲେ। ଯୁବତୀଙ୍କ ପରିବାରଲୋକେ ଉଠି କବାଟ ଖୋଲିବାରୁ ସମ୍ପୃକ୍ତ ଯୁବକମାନେ ଯୁବତୀଙ୍କୁ ଅପହରଣ କରିବାକୁ ଉଦ୍ୟମ କରିଥିଲେ। ପାଟିତୁଣ୍ଡ ଶୁଣି ଗ୍ରାମବାସୀ ଆସି ଜଣେ ଯୁବକଙ୍କୁ କାବୁ କରିଥିବାବେଳେ ଅନ୍ୟମାନେ ଫେରାର ହୋଇ ଯାଇଥିଲେ। ଯୁବକଙ୍କୁ ଲୋକେ ପୋଲିସ ଜିମା ଦେଇଥିଲେ। ଥାନାରେ ମାମଲା (ନଂ.୩୩୫।୨୦) ରୁଜୁ ହୋଇଛି।

### ନାବାଳିକାଙ୍କୁ ବଳାତ୍କାର ଅଭିଯୋଗ: ଯୁବକ ଗିରଫ

**ବିଞ୍ଝାରପୁର,୨୦।୧୨(ଡି.ଏନ.ଏ.):** ବିଞ୍ଝାରପୁର ଥାନା ଅଞ୍ଚଳର ଜଣେ ୧୫ ବର୍ଷୀୟା ନାବାଳିକାଙ୍କୁ ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ ପୋଲିସ ଜଣେ ଯୁବକଙ୍କୁ ରବିବାର ଗିରଫ କରିଛି। ସେ ହେଲେ ଫତେପୁର ପଞ୍ଚାୟତ ମଲିଆ ଗ୍ରାମର ହୃଷୀକେଶ ସେଠୀ ଓରଫ ରାଜା(୨୫)। ଶନିବାର ମଧ୍ୟାହ୍ନରେ ନାବାଳିକାଙ୍କ ପରିବାରଲୋକ ଘରେ ନ ଥିଲେ। ଏହାର ସୁଯୋଗ ନେଇ ରାଜା ନାବାଳିକାଙ୍କ ଘରେ ପଶି ତାଙ୍କୁ ବଳାତ୍କାର କରିଥିଲେ। ଏ ସମ୍ପର୍କରେ କାହାରିକୁ ଜଣାଇଲେ ଜୀବନରୁ ମାରିଦେବାକୁ ରାଜା ଧମକ ଦେଇଥିଲେ ବୋଲି ନାବାଳିକା ଦେଇଥିବା ଅଭିଯୋଗରେ ଦର୍ଶାଇଛନ୍ତି। ଏନେଇ ଏକ ମାମଲା (ନଂ.୪୧୩।୨୦) ରୁଜୁ ହୋଇଥିବା ଥାନା ଅଧିକାରୀ ନିରଞ୍ଜନ ଶବର ସୂଚନା ଦେଇଛନ୍ତି। ତଦନ୍ତକାରୀ ଅଧିକାରୀ ଏସ୍ଆଇ କଣ୍ଟୁରି ଚରଣ ଦାସ କହିଛନ୍ତି, ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ସୋମବାର ତାଙ୍କର ଡାକ୍ତରୀ ମାଇନା କରାଯାଇ କୋର୍ଟ ଚାଲାଣ କରାଯିବ।

### ମହାପୁରୁଷ ଯଶୋବନ୍ତ ଦାସଙ୍କ ଶ୍ରାଦ୍ଧୋତ୍ସବ

**ବିରିଡି,୨୦।୧୨(ଡି.ଏନ୍.ଏ.):** ବିରିଡି ବ୍ଲକ ଅଡ଼ଙ୍ଗ ନାଇଲୋସ୍ଥିତ ମହାପୁରୁଷ ଯଶୋବନ୍ତ ଦାସଙ୍କ ଶ୍ରାଦ୍ଧୋତ୍ସବ ରବିବାର ପାଳିତ ହୋଇଯାଇଛି। କୋଭିଡ ପାଇଁ ଚଳିତ ବର୍ଷ ମହାପୁରୁଷଙ୍କ ପୀଠରେ ଭକ୍ତଙ୍କ ସମାଗମ ହୋଇ ନ ଥିଲା। ମହାପୁରୁଷଙ୍କ ସମାଧି ପୀଠରେ ମହନ୍ତ ପ୍ରଶାନ୍ତ ବଲ୍ଲଭ ଦାସ ଶ୍ରାଦ୍ଧ ଦେଇଥିଲେ। ସନ୍ଧ୍ୟାରେ ଶିଷ୍ୟଗ୍ରାମ ନାଇଲୋ ଏବଂ ଅଡ଼ଙ୍ଗଗଡ଼ରୁ ମାଳଚୂଳ ଆସି ମହାପୁରୁଷଙ୍କ ସମାଧିରେ ଚଢ଼ାଯାଇଥିଲା।

# ଦୀପ ଧରି ନଦୀ ବନ୍ଦନା କଲେ ମହିଳା

**କେନ୍ଦ୍ରାପଡା ଅଫିସ/ ରଜକନିକା, (ଡି.ଏନ.ଏ.) ୨୦।୧୨**

■ ଖରସ୍ରୋତାରୁ ଭଦ୍ରକକୁ ପାଣି ଦେବା ବିବାଦ
■ ଖରସ୍ରୋତାକୁ ଚିରସ୍ରୋତା ପାଇଁ ଶପଥ
■ କ୍ଷତି ରିପୋର୍ଟକୁ ନେଇ ଉଠିଲା ପ୍ରଶ୍ନ

ଖରସ୍ରୋତା ନଦୀରୁ ଭଦ୍ରକ ଜିଲାକୁ ପାଣି ବିବାଦ ଆଳି ଓ ରାଜନଗର ଅଞ୍ଚଳରେ ବୃହତ୍ ଆନ୍ଦୋଳନରେ ପରିଣତ ହୋଇଛି। ଖରସ୍ରୋତା ବଞ୍ଚାଅ ସଂଗ୍ରାମ ସମିତି ପକ୍ଷରୁ ପୂର୍ବରୁ ମାନବଶୃଙ୍ଖଳ, ଜନସମାବେଶ, ଜଳ ସତ୍ୟାଗ୍ରହ ପରେ ରବିବାର ସନ୍ଧ୍ୟାରେ ମହିଳାମାନେ ନଦୀକୁ ଦୀପ ଧରି ବନ୍ଦନା କରିଛନ୍ତି। ଏଥିସହ ଖରସ୍ରୋତାକୁ ଚିରସ୍ରୋତା କରିବାକୁ ଶପଥ ନେଇଛନ୍ତି।

ଭଦ୍ରକ ଜିଲାର ଧାମନଗର, ତିହିଡ଼ି, ବାସୁଦେବପୁର ଓ ଚାନ୍ଦବାଲି ବ୍ଲକ ଅଞ୍ଚଳର ୯୧ ପଞ୍ଚାୟତକୁ ପାନୀୟ ଜଳ ଯୋଗାଣ ପାଇଁ କେନ୍ଦ୍ରାପଡା ଜିଲା ରାଜକନିକା ବ୍ଲକ ବରୁଣାଡିହାଠାରେ ଖରସ୍ରୋତା ନଦୀରୁ ପାଣି ଉଠାଯିବାକୁ ରାଜ୍ୟ ସରକାର ମଞ୍ଜୁରୀ ଦେଇଛନ୍ତି। ତେବେ ଏହି ନଦୀରୁ ଦୈନିକ ୧୪୬ ମିଲିୟନ ଲିଟର ପାଣି ଉଠାଯିବ। ଫଳରେ ସ୍ଥାନୀୟ କୃଷି ସହ ଜାତୀୟଉଦ୍ୟାନ ଭିତରକନିକାର ଜୈବ ବିବିଧତା ନଷ୍ଟ ହେବା ଦର୍ଶାଇ ସ୍ଥାନୀୟ ଲୋକ ପ୍ରାୟ ୧୦ ମାସ ଧରି ବିରୋଧ ଜାରି ରଖିଛନ୍ତି। ଏ ସମ୍ପର୍କରେ ଜଳ ବନ୍ଦନାରେ ସାମିଲ ସବିତା ବରଜ କୁହନ୍ତି, ନଦୀ ଆମ ଜୀବନ। ଏହାର ପ୍ରତ୍ୟେକ ଜଳବିନ୍ଦୁ ସ୍ଥାନୀୟ ବାସିନ୍ଦାଙ୍କ ଉପକାରରେ ଆସୁଛି। ନଦୀରେ ଆଗ ପରି ସ୍ରୋତ ନାହିଁ। ଏଠାରୁ ପାଣି ଉଠାଗଲେ ଭିତରକନିକାର ଜୈବ ବିବିଧତା ନଷ୍ଟ ହେବା ସହ ସ୍ଥାନୀୟ କୃଷି ପ୍ରଭାବିତ ହେବ। ଖରସ୍ରୋତା ଆମ ପାଇଁ ମାଆ ହୋଇଥିବାରୁ ସ୍ଥାନୀୟ ଅଞ୍ଚଳର ମହିଳାମାନେ ବନ୍ଦନା କରିଛନ୍ତ। ଏ ସମ୍ପର୍କରେ ଖରସ୍ରୋତା ବଞ୍ଚାଅ ସଂଗ୍ରାମ ସମିତିର ସମ୍ପାଦକ ବିଧାନ ଦାସ କହିଛନ୍ତି, ଭଦ୍ରକକୁ ପାଣି ଦେବାକୁ ଆମର ବିରୋଧ ନାହିଁ। ତେବେ ସ୍ଥାନୀୟ ଅଞ୍ଚଳର କୃଷି ଓ ଭିତରକନିକାର ଜୈବ ବିବିଧତାକୁ ନେଇ ଆନ୍ଦୋଳନ ଆରମ୍ଭ ହୋଇଛି। ଖରସ୍ରୋତାର ମଧୁର ପାଣି କେତେ ପରିମାଣରେ ତଳମୁଣ୍ଡରେ ପହଞ୍ଚିଛି, ବିନିଯୋଗ ଓ ସମୁଦ୍ରକୁ ବହି ଯାଉଥିବା ପାଣି ସମ୍ପର୍କରେ ପ୍ରମାଣଭିତ୍ତିକ ତଥ୍ୟ ଉପସ୍ଥାପନ କରାଯାଉଛି। ମେଗା ପ୍ରକଳ୍ପକୁ ନେଇ ଜିଲା ପ୍ରଶାସନ ଯେଉଁ ପରିମାଣରେ ତତ୍ପରତା ପ୍ରକାଶ କରୁଛନ୍ତି,


ମହିଳାମାନେ ଦୀପ ଜାଳି ଖରସ୍ରୋତା ନଦୀକୁ ବନ୍ଦାପନା କରୁଛନ୍ତି।

ସେହି ପରିମାଣରେ ସ୍ଥାନୀୟ ଅଞ୍ଚଳର କୃଷି, ପାନୀୟ ଜଳ, ଜଳସେଚନ ସହ ଭିତରକନିକାକୁ ଗୁରୁତ୍ୱ ଦିଆଯାଉ ନାହିଁ। ଖରସ୍ରୋତାର ପାଣି ଭଦ୍ରକର ମେଗା ପାନୀୟ ଜଳ ପ୍ରକଳ୍ପ ଅପେକ୍ଷା ସ୍ଥାନୀୟ ଜୀବନକୁ ଅଧିକ ଗୁରୁତ୍ୱ ଥିବାରୁ ଆନ୍ଦୋଳନ ଅବ୍ୟାହତ ରହିବ ବୋଲି ସେ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ କେନ୍ଦ୍ରାପଡ଼ା ଜିଲା ଜନ ସୁରକ୍ଷା ମଞ୍ଚର ସଭାପତି ଗଣେଶ ଚନ୍ଦ୍ର ସାମଲ କହିଛନ୍ତି, ମେଗା ପାନୀୟ ଜଳ ପ୍ରକଳ୍ପର ପାଣିଉଠା ସ୍ଥାନ ବରୁଣାଡିହା ଓ ବିଶୋଧନାଗାର ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ନୂଆହାଟ ଅଞ୍ଚଳ ଭିତରକନିକା ଇକୋ ସେନ୍ସିଟିଭ୍ ଜୋନରେ ଅଛି। ପ୍ରକଳ୍ପ ଆରମ୍ଭରେ ଏ ନେଇ କ୍ଷତି ରିପୋର୍ଟ ସହ ମନିଟରିଂ କମିଟିର ମଞ୍ଜୁରୀ ପାଇବା କଥା। ତେବେ ପ୍ରକଳ୍ପ ଆରମ୍ଭର ବର୍ଷକ ପରେ ଏ ନେଇ ହୋଇଥିବା ମିଟିଂରେ କେତେକ ବିଭ୍ରାନ୍ତିକର ତଥ୍ୟ ଲୋକଲୋଚନକୁ ଆସିଛି। ଗତ ୩ ତାରିଖ କମିଟି ମିଟିଂରେ ଭିତରକନିକା ପରିବେଶ କ୍ଷତି ପାଇଁ ରାଜ୍ୟର ଓୟୁଏଟିକୁ ଦାୟିତ୍ୱ ଦେବାକୁ ନିଷ୍ପତ୍ତି ହୋଇଥିବା ବେଳେ ୧୪ ତାରିଖ ମିଟିଂରେ ଆଇଆଇଟି ହାଇଦ୍ରାବାଦର ଜଣେ କନିଷ୍ଠ ବୈଜ୍ଞାନିକଙ୍କ ତଥ୍ୟ ଉପସ୍ଥାପନ କରାଯାଇଛି। ଏହି ବୈଜ୍ଞାନିକଙ୍କୁ କ୍ଷତି ରିପୋର୍ଟ ପାଇଁ କିଏ ଅନୁମତି ପ୍ରଦାନ କରିଥିଲେ, ବୈଜ୍ଞାନିକ ଜଣକ କେବେ ଆସିଲେ, କେଉଁଠି ଓ କେତେଦିନ ରହିଲେ ଆଦି ପ୍ରଶ୍ନର ଉତ୍ତର ସାଧାରଣରେ ପ୍ରକାଶିତ ହେବା ଆବଶ୍ୟକ। ସେହିପରି ଆଇଆଇଟି ଚେନ୍ନାଇ ପରି ଅନୁଷ୍ଠାନର ସର୍ଭେ ପରେ କେନ୍ଦ୍ର ସରକାର ଇକୋ ସେନ୍ସିଟିଭ୍ ଜୋନ ପାଇଁ ମଞ୍ଜୁରୀ ଦେଇଥିବା ବେଳେ ଏହି ଅଞ୍ଚଳରୁ ପାଣି ଉଠାଇବା ଦୁର୍ଭାଗ୍ୟଜନକ ବୋଲି ସେ ମତ ଦେଇଛନ୍ତି। ଜଳ ବନ୍ଦନା କାର୍ଯ୍ୟକ୍ରମରେ ଶତାଧିକ ମହିଳା ସାମିଲ ହୋଇଥିବା ବେଳେ କବିତା ରାଉତ, ନିରୁପମା ବରାଳ, ଅନସୂୟା ମହାନ୍ତି, ରୀନା ମହାନ୍ତି, ହେମଲତା ରାଉତ ପ୍ରମୁଖ ନେତୃତ୍ୱ ନେଇଥିଲେ।

## ରାଜ୍ୟ ଆଇନଜୀବୀ ସଂଘର କାର୍ଯ୍ୟକାରିଣୀ ବୈଠକ

**ଚଣ୍ଡିଖୋଲ,୨୦।୧୨(ଡି.ଏନ.ଏ.)**

ନିଖିଳ ଓଡ଼ିଶା ଆଇନଜୀବୀ ସଂଘ ଏବଂ ଚଣ୍ଡିଖୋଲ କୋର୍ଟ ବାର ଆସୋସିଏଶନ ମିଳିତ ଆନୁକୂଲ୍ୟରେ ରାଜ୍ୟ ସଂଘର କାର୍ଯ୍ୟକାରିଣୀ କମିଟି ବୈଠକ ରବିବାର ଚଣ୍ଡିଖୋଲ ପାନ୍ଥଶାଳା ପରିସରରେ ବିଚିତ୍ର କୁମାର ବଡ଼ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟ ସଂଘର ୪୯ତମ ବାର୍ଷିକ ଅଧିବେଶନ ଆସନ୍ତା ୨୯ରେ ଚଣ୍ଡିଖୋଲ କୋର୍ଟ ସନ୍ନିକଟ ବିଜୁ କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ହେବ ବୋଲି ସ୍ଥିରିକୃତ ହୋଇଛି। ଅଧିବେଶନରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ପୂର୍ବତନ ବିଚାରପତି ବିମଳ ପ୍ରସାଦ ଦାଶ, ବିଚାରପତି ବୀରକିଶୋର ମିଶ୍ର, ରାଜ୍ୟସଭା ଏମ୍‌ପି ଅମର ପଟ୍ଟନାୟକ, ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀଙ୍କ ସମେତ ବହୁ ବିଶିଷ୍ଟ ଆଇନଜୀବୀ ଏବଂ ବୁଦ୍ଧିଜୀବୀ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ବୋଲି ଘୋଷଣା କରାଯାଇଛି। ଚଣ୍ଡିଖୋଲ କୋର୍ଟ ବାର ଆସୋସିଏଶନ ପକ୍ଷରୁ ସଭାପତି ଦେବରାଜ ବେହେରା, ସମ୍ପାଦକ ପ୍ରକାଶ ଦାଶଙ୍କ ସମେତ ବହୁ ଆଇନଜୀବୀ ବୈଠକରେ ଯୋଗ ଦେଇଥିଲେ।

## ଶ୍ରୀନୀଳମାଧବ ଜୀଉଙ୍କ ଓଢ଼ଣ ଲାଗି ବେଶ

**ଖଣ୍ଡପଡା,୨୦।୧୨(ସ୍ୱ.ପ୍ର.)**

ପବିତ୍ର ଓଢ଼ଣ ଷଷ୍ଠୀ ତିଥି ଅବସରରେ କଣ୍ଟିଲୋ ଶ୍ରୀନୀଳମାଧବ ଜୀଉଙ୍କ ଓଢ଼ଣ ଲାଗି ବେଶ ରବିବାର ଆରମ୍ଭ ହୋଇଛି। ଓଢ଼ଣ ଲାଗିର ବିଶେଷତ୍ୱ ହେଉଛି ଯେ 'ଯଥାଦେହେ ତଥାଦେବେ'। ମନୁଷ୍ୟ ଶୀତ ଦାଉରୁ ରକ୍ଷା ପାଇବାକୁ ଶୀତବସ୍ତ୍ର ବ୍ୟବହାର କରୁଥିବା ସମୟରେ ଦେବତାମାନେ ରବିବାରଠାରୁ ଶୀତବସ୍ତ୍ର ଘୋଡାଇ ହୋଇଥାନ୍ତି। ଏହି ପାରମ୍ପରିକ ବେଶ ଆସନ୍ତା ବସନ୍ତ ପଞ୍ଚମୀ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଶୀତ ପ୍ରକୋପରୁ ରକ୍ଷା ପାଇବାକୁ ଶ୍ରୀଜୀଉଙ୍କୁ ଏହି ବେଶରେ ସଜ୍ଜା ଯାଇଥାଏ। ଏହି ପ୍ରଥା କେଉଁ ଆବହମାନ କାଳରୁ ପ୍ରଚଳିତ ହୋଇଆସୁଛି। ଏହି ସମୟରେ ଶ୍ରଦ୍ଧାଳୁମାନେ କେବଳ ଠାକୁରଙ୍କ ମୁଖ ଦର୍ଶନ କରିବେ। ଶୀତଦିନରେ ଠାକୁରଙ୍କ ମୁଖ ବ୍ୟତୀତ ସମସ୍ତ ଶରୀରକୁ ଆବୃତ୍ତ କରି ରଖାଯାଇଥାଏ। ଏହି ଅବସରରେ ଭୋର ୫ଟାରେ ଶ୍ରୀଜୀଉଙ୍କ ଦ୍ୱାର ଫିଟା ନୀତି ଅନୁଷ୍ଠିତ ହୋଇଥିଲା। ମଙ୍ଗଳ ଆଳତି, ଅବକାଶ ନୀତି, ଦୈନିକ ବେଶ, ବଲ୍ଲଭ, ସକାଳ ଧୂପ ଉଠିବା ପରେ ଶ୍ରୀଜୀଉଙ୍କ ଶରୀରକୁ ଆବୃତ୍ତ କରିବା ସହ ମୁଣ୍ଡରେ ପଗଡି ବନ୍ଧା ଯାଇଥିଲା। ଏହି ସମୟରେ ଶ୍ରୀଜୀଉଙ୍କ ନିକଟରେ ସ୍ୱତନ୍ତ୍ର ଭୋଗ ଲାଗି ହୋଇଥିଲା। ଏହି ପାରମ୍ପରିକ ନୀତି ଅବସରରେ ଶନିବାର ପଞ୍ଚମୀ ତିଥିରେ ଶ୍ରୀଜୀଉଙ୍କ ରାତ୍ର ଚନ୍ଦନ ନୀତି ବଢିବା ପରେ ଭୋଗ ମଣ୍ଡପ ଘରେ ପୂଜକ ୩ ଗୋଟି ମଣ୍ଡଳ କାଟିଥିଲେ। ପରେ ପୂଜାରୀ ଅଧିବାସ ନୀତି ସମ୍ପନ୍ନ



କରି ଦୁଆର ମୁଦ ଦିଆ ହୋଇଥିଲା। ସମୁଦାୟ ୧୨ଟି ଘୋଡ (ଚତୁର୍ଦ୍ଧା ବିଗ୍ରହଙ୍କର) ସମେତ ବିମଳା, ଲକ୍ଷ୍ମୀ, ମଦନ ମୋହନ, ଶ୍ରୀଦେବୀ, ଭୂଦେବୀଙ୍କ ଘୋଡ ଅଧିବାସ ସମ୍ପନ୍ନ ହୋଇଥିଲା।

### ୫ ବଖରା ଜଳିଗଲା

**ଏରସମା,୨୦।୧୨(ସ୍ୱ.ପ୍ର.):** ଏରସମା ବ୍ଲକ ପଏଦା ପଞ୍ଚାୟତସ୍ଥିତ ଅଲଣାଭାସ ଗ୍ରାମରେ ଶନିବାର ରାତିରେ ନିଆଁ ଲାଗି ବସନ୍ତ ପରିଡାଙ୍କ ୩ ଓ ପ୍ରଶାନ୍ତ ପରିଡାଙ୍କ ୨ ବଖରା ପୋଡ଼ି ଯାଇଛି। ବସନ୍ତଙ୍କ ପରିବାର ଶୋଇଥିବାବେଳେ ଘରେ ହଠାତ୍ ନିଆଁ ଲାଗିଥିଲା। ପାଟି ଶୁଣି ଗ୍ରାମବାସୀ ପହଞ୍ଚି ନିଆଁ ଲିଭାଇବା ପାଇଁ ଉଦ୍ୟମ କରିଥିଲେ। ଏରସମା ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

### ଲୁଟ୍ ଘଟଣାରେ ଜଣେ ଗିରଫ

**ପାରାଦୀପ, ୨୦।୧୨(ସ୍ୱ.ପ୍ର.):** ପାରାଦୀପସ୍ଥିତ ୫ ନଂ(କ) ରାଜପଥର ବିଶ୍ୱାଳୀଗଡ଼ାରେ ଜଣେ ଫାଇନାନ୍ସ କମ୍ପାନୀ କର୍ମଚାରୀଙ୍କଠାରୁ ସେପ୍ଟେମ୍ବର ୧୬ରେ ୧.୨୬ଲକ୍ଷ ଟଙ୍କା ଓ ଏକ ଟାବଲେଟ୍ ଲୁଟ୍ ହୋଇଥିଲା। ଘଟଣାରେ ରବିବାର ଜଣେ ଅଭିଯୁକ୍ତଙ୍କୁ ପାରାଦୀପ ଲକ୍ ଥାନା ପୋଲିସ ଗିରଫ କରିଛି। ସେ ହେଲେ କେନ୍ଦ୍ରାପଡା ଥାନା ଗୁଲନଗର ଅଞ୍ଚଳର ଗନୀ ଖାଁ। ତାଙ୍କଠାରୁ ପୋଲିସ ଟାବଲେଟ୍ ଜବତ କରିଥିବା ବେଳେ ଲୁଟ୍ ଟଙ୍କା ପାଇନାହିଁ। ଘଟଣାରେ ଆଉ ୪ରୁ ୫ ଜଣଙ୍କ ସମ୍ପୃକ୍ତି ରହିଛି। ସେମାନଙ୍କୁ ଗିରଫ କରାଯିବ ବୋଲି ଥାନାଧିକାରୀ ପ୍ରଭାସ ଚନ୍ଦ୍ର ସାହୁ କହିଛନ୍ତି।

## ଆନ୍ଦୋଳନ କରି ମୃତ କୃଷକଙ୍କୁ ଶ୍ରଦ୍ଧାଞ୍ଜଳି

**କେନ୍ଦ୍ରାପଡ଼ା ଅଫିସ, ୨୦।୧୨:** ସଂଯୁକ୍ତ କିଷାନ ମୋର୍ଚ୍ଚା ଡାକରାରେ ଦିଲ୍ଲୀ ଆନ୍ଦୋଳନରେ ସାମିଲ ହୋଇ ପ୍ରାଣ ହରାଇଥିବା କୃଷକଙ୍କୁ କେନ୍ଦ୍ରାପଡା ସହରର ପୁରୁଣା ବସ୍‌ଷ୍ଟାଣ୍ଡଠାରେ ଅଖିଳ ଭାରତ କୃଷକ ସମନ୍ୱୟ ସମିତି ପକ୍ଷରୁ ରବିବାର ଶ୍ରଦ୍ଧାଞ୍ଜଳି ଦିଆଯାଇଛି। ଏଥିସହ ଓଡ଼ିଶା କୃଷକ ସଭାର ଜିଲା ନେତା ମାଧବ ଦାସଙ୍କ ଅଧ୍ୟକ୍ଷତାରେ ଶୋକସଭା ଅନୁଷ୍ଠିତ ହୋଇଛି। ସିପିଆଇ(ଏମ୍)ର ଗୟାଧର ଧଳ, ସିପିଆଇର ରମଣୀ ରଞ୍ଜନ ରାଉତରାୟ, ନବନିର୍ମାଣ କୃଷକ ସଙ୍ଗଠନର ଦାଶରଥି ସାହୁ, ପୂର୍ବତନ ବିଧାୟକ ଚିନ୍ମୟ ପ୍ରସାଦ ବେହୁରା, ଅଖିଳ ଭାରତ କୃଷକ ମହାସଭାର ପ୍ରକାଶ ଚନ୍ଦ୍ର ମଲିକ, କେନ୍ଦ୍ରାପଡା ବିକାଶ ସାମ୍ମୁଖ୍ୟର ଅଜୟ ସାମଲ ଯୋଗଦେଇ କେନ୍ଦ୍ର ସରକାରଙ୍କ କୃଷି ଆଇନକୁ ସମାଲୋଚନା କରିଥିଲେ। ସେମାନେ କହିଥିଲେ, ଏହି ଆଇନ କୃଷକଙ୍କ ପାଇଁ କଳା ଆଇନ ହୋଇଛି। ଆଇନ ପ୍ରତ୍ୟାହାର ପାଇଁ ଆନ୍ଦୋଳନ ଚାଲୁଛି। ଆନ୍ଦୋଳନରେ କୃଷକଙ୍କ ମୃତ୍ୟୁ ଓ ଆତ୍ମହତ୍ୟା ଅନ୍ତତଃ ଦୁଃଖଦାୟକ ବୋଲି ସେମାନେ ମତ ଦେଇଥିଲେ। ସଭାରେ ବିଭିନ୍ନ କୃଷକ ସଙ୍ଗଠନର କର୍ମକର୍ତ୍ତାଙ୍କ ସହ ଚାଷୀ ସାମିଲ ହୋଇଥିଲେ।


କେନ୍ଦ୍ରାପଡ଼ା ପୁରୁଣା ବସ୍‌ଷ୍ଟାଣ୍ଡଠାରେ ମୃତ କୃଷକଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଉଛି।

GOVERNMENT OF ODISHA
OFFICE OF THE EXECUTIVE ENGINEER
RURAL WORKS DIVISON-I MALKANGIRI
e-mail :rwd_malkangiri@yahoo.co.in
NATIONAL COMPETITIVE BIDDING THROUGH e-Procurement
Identification No. Online Tender 15/MKG/2020-21

No.O-742:- 1. Name of the work : Road works (Detailed in Annexure). 2. Total Number of Works : 01 (One) Number. 3. Tender Cost : Rs. 55.45 lakhs. 4. Class of Contractor : 'B' &'A' Class contractors. 5. Period of Completion : (As Per Detailed in Annexure). 6. Other Details:-

| Procurement Officer | Bid Identification No. | No. of works | Availability of tender Online for Bidding | | Last date & time of seeking tender clarification | Date and time of opening of tender | |
|---|---|---|---|---|---|---|---|
| | | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 | 8 |
| Executive Engineer, Rural Works Division-I, Malkangiri | Online Tender /15 / RWD-I, MKG/2020-21 | 01(One) No. of Road works | 22.12.2020 from 11.00 A.M. | 29.12.2020 upto 5.00 P.M. | 28.12.2020 upto 5.00 P.M. | 30.12.2020 at 11.30 A.M. | 31.12.2020 at 11.00 A.M. |

Further details can be seen from the Website www.tenderorissa.gov.in
Executive Engineer, R.W. Division-I, Malkangiri
OIPR-25058/11/0015/2021

# ପ୍ରାଣୀ ଚିକିତ୍ସା ସେବା ବିପର୍ଯ୍ୟସ୍ତ

**ଜଗତ୍‌ସିଂହପୁର ଅଫିସ, ୨୦।୧୨**

**ଜଗତ୍‌ସିଂହପୁର**
■ ଅସ୍ତ୍ରୋପଚାର ପାଇଁ କଟକ, ଭୁବନେଶ୍ୱର ଉପରେ ନିର୍ଭରଶୀଳ
■ ପ୍ରାଣୀ ବିଶେଷଜ୍ଞ ପଦବୀ ସୃଷ୍ଟି କରାଯାଉନାହିଁ


ଜିଲା ପ୍ରାଣୀ ଚିକିତ୍ସାଳୟ ପରିସରରେ ଥିବା ଚିକିତ୍ସା କୋଠରି।

ଜଗତ୍‌ସିଂହପୁର ଜିଲାରେ ଏବେ ପ୍ରାଣୀ ଚିକିତ୍ସା ସେବା ବିପର୍ଯ୍ୟସ୍ତ ହୋଇପଡ଼ିଛି। ପଦବୀ ଖାଲି ସାଙ୍ଗକୁ ଅସ୍ତ୍ରୋପଚାର ସୁବିଧା ନ ଥିବା ଏବଂ ଭିତ୍ତିଭୂମିର ଅଭାବ କାରଣରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ପ୍ରାଣୀ ରକ୍ତ, ପରିସ୍ରା ନମୁନା ସଂଗ୍ରହରେ ଜଗତ୍‌ସିଂହପୁର ସାରା ରାଜ୍ୟରେ ୧ ନମ୍ବର ଥିବାବେଳେ ଜିଲା ପ୍ରାଣୀରୋଗ ନିରୂପଣ କେନ୍ଦ୍ର (ଡିଡିଏଲ୍)ରେ ଜଣେ ସ୍ଥାୟୀ ପ୍ରାଣୀ ଚିକିତ୍ସକ (ଭିଏସ୍) ନିଯୁକ୍ତି ଦିଆଯାଉନି। ଜିଲାରେ ପ୍ରାଣୀ ଶଲ୍ୟ ବିଶେଷଜ୍ଞ ପଦବୀ ନାହିଁ। ଅସ୍ତ୍ରୋପଚାର ସୁବିଧା ନ ଥିବାରୁ ଗୃହପାଳିତ ପ୍ରାଣୀଙ୍କ ପାଇଁ ଲୋକଙ୍କୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି।

ଜିଲାରେ ମୋଟ ୧୩୫ ପ୍ରାଣୀଧନ ନିରୀକ୍ଷକ (ଏଲ୍ଆଇ) ପଦବୀ ଥିବାବେଳେ ମାତ୍ର ୫୩ ଜଣରେ ସେବା ଚାଲିଛି। ଓଡ଼ିଶାର କେତେକ ଜିଲା ପ୍ରାଣୀ ଚିକିତ୍ସାଳୟରେ ଏକାଧିକ ବିଶେଷଜ୍ଞ ପଦବୀ ଥିବା ବେଳେ ଜିଲାରେ ଗୋଟିଏବି ପ୍ରାଣୀ ବିଶେଷଜ୍ଞ ପଦବୀ ସୃଷ୍ଟି କରାଯାଉନାହିଁ। ପ୍ରାଣୀ ଚିକିତ୍ସା ପହଞ୍ଚି ପାରୁ ନ ଥିବା ସ୍ଥାନରେ ସରକାର ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସା ସେବା (ଏମ୍‌ଭିୟୁ) ଯୋଗାଇ ଦେଉଛନ୍ତି। ଗୋଟିଏ ଏମ୍‌ଭିୟୁରେ ଜଣେ ଅତିରିକ୍ତ ପ୍ରାଣୀ ଚିକିତ୍ସକ, ପ୍ରାଣୀ ସମ୍ପଦ ସହାୟକ ଓ ଆଟେଣ୍ଡାଣ୍ଟ ରହିବା ଭଳି ବ୍ୟବସ୍ଥା ଅଛି। ଜଗତ୍‌ସିଂହପୁର ଜିଲାର ୮ଟି ବ୍ଲକରେ ୮ଟି ଏମ୍‌ଭିୟୁ କରାଯାଇଛି। ହେଲେ ସେଥିରୁ ୫ଟି ଯଥା ଜଗତ୍‌ସିଂହପୁର, କୁଜଙ୍ଗ, ବିରିଡ଼ି, ରଘୁନାଥପୁର ଓ ତିର୍ତ୍ତୋଲ ବ୍ଲକରେ ଏମ୍‌ଭିୟୁ ପାଇଁ ଅତିରିକ୍ତ ପ୍ରାଣୀ ଚିକିତ୍ସକ ପଦବୀ ଖାଲି ପଡ଼ିଛି। ଓଡ଼ିଶାର ସର୍ବାଧିକ ରକ୍ତ ଓ ପରିସ୍ରା ପରୀକ୍ଷା ଜଗତ୍‌ସିଂହପୁର ଜିଲା ପ୍ରାଣୀ ଚିକିତ୍ସାଳୟର ଡିଡିଏଲ୍‌ରେ ହେଉଛି। ଏଥିରେ ଜଣେ ନିୟମିତ ଭିଏସ୍ ରହିବା ବ୍ୟବସ୍ଥା ଥିଲେ ସୁଦ୍ଧା ଖାଲି ପଦବୀ ପୂରଣ କରାଯାଉନାହିଁ। ଜଗତ୍‌ସିଂହପୁର ଓ ବାଲିକୁଦା ବ୍ଲକରୁ ଜଣେ ହିସାବରେ ଭିଏସ୍ ସପ୍ତାହରେ ୩ ଦିନ ଲେଖାଏ ପାଳିକରି ଆସୁଛନ୍ତି। ଆବଶ୍ୟକ ସମୟରେ ଗୃହପାଳିତ ପ୍ରାଣୀଙ୍କୁ ଜିଲାରେ ଅସ୍ତ୍ରୋପଚାର ସେବା ମିଳି ପାରୁନାହିଁ। ଲୋକେ ସେମାନଙ୍କୁ କଟକ ଓ ଭୁବନେଶ୍ୱର ନେବାକୁ ବାଧ୍ୟ ହେଉଛନ୍ତି। ଏହାଛଡ଼ା ଜିଲା ପ୍ରାଣୀ ଚିକିତ୍ସାଳୟରେ ଭିତ୍ତିଭୂମିର ମଧ୍ୟ ଅଭାବ ରହିଛି। ଚିକିତ୍ସାଳୟ କାର୍ଯ୍ୟାଳୟର କୋଠା ପୁରୁଣା ହୋଇ ଭାଙ୍ଗିରୁଜି ଗଲାଣି। ଉପ ନିର୍ଦ୍ଦେଶକଙ୍କ କ୍ୱାର୍ଟର ପରିତ୍ୟକ୍ତ ଅବସ୍ଥାରେ ଥିଲେ ମଧ୍ୟ ପୁନରୁଦ୍ଧାର କରାଯାଉନାହିଁ। ସେହିପରି ଅନ୍ୟ କର୍ମଚାରୀଙ୍କ ପାଇଁ ମଧ୍ୟ କ୍ୱାର୍ଟର ନାହିଁ। କୁଜଙ୍ଗ ବ୍ଲକର ୩ଟି ଯାକ ପଦବୀ ଯଥା ବିଭିଓ (ବ୍ଲକ ଭେଟେରିନାରି ଅଫିସର), ଅତିରିକ୍ତ ଭିଏସ୍, ଏମ୍‌ଭିୟୁ ଭିଏସ୍ ପଦବୀ ଦୀର୍ଘ ଦିନ ହେବ ଖାଲି ପଡ଼ିଛି। ଗତ ବନ୍ୟା ସମୟରେ ଏହି ପଦବୀ ଖାଲି ଥିବା କାରଣରୁ ପ୍ରାଣୀ ସେବାରେ ଗୁରୁତର ବାଧା ସୃଷ୍ଟି ହୋଇଥିଲା। ଏପରି କି ସରକାର ସ୍ୱତନ୍ତ୍ର ଭାବେ ପ୍ରାଣୀ ଚିକିତ୍ସକ ପଠାଇବାକୁ ବାଧ୍ୟ ହୋଇଥିଲେ। ବିରିଡ଼ି, ରଘୁନାଥପୁର ଓ ତିର୍ତ୍ତୋଲ ବ୍ଲକର ୨ଟି ଲେଖାଏ ଅତିରିକ୍ତ ଭିଏସ୍ ପଦବୀ ଖାଲି ପଡିଛି। ଚିଆଁ ଉତ୍ପାଦନ କେନ୍ଦ୍ରରେ ଏ ପର୍ଯ୍ୟନ୍ତ ଭିଏସ୍ ନିଯୁକ୍ତି ହୋଇନାହାନ୍ତି। ନାଉଗାଁରୁ ଜଣେ ଭିଏସ୍ (ପ୍ରାଣୀ ଚିକିତ୍ସକ) ଅସ୍ଥାୟୀ ଭାବେ କାମ କରୁଛନ୍ତି। ଏ ସମ୍ପର୍କରେ ଜିଲା ମୁଖ୍ୟପ୍ରାଣୀ ଚିକିତ୍ସା ଅଧିକାରୀ ରମେଶ ଚନ୍ଦ୍ର ବେହେରା କୁହନ୍ତି, ବାସ୍ତବରେ ଜିଲାରେ ଅନେକ କିଛି ଅଭାବ ରହିଛି। ଏସବୁ ପୂରଣ ପାଇଁ ବିଭାଗୀୟ ବରିଷ୍ଠ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି।

CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ଅଗରବତି ମେସିନ
କମ୍ ଖର୍ଚ୍ଚରେ ନିଜ ଘରେ ଧୂପକାଠି ମେସିନ ବସାଇ ଦୈନିକ ୧୦୦୦ରୁ ୧୫୦୦ ଟଙ୍କା ରୋଜଗାର କରନ୍ତୁ।
ପ୍ରତ୍ୟେକ ମେସିନ ସହ
RAW MATERIAL FREE
Mob.-9078729199, 8018493464

ବନ୍ଧକ ଋଣ
କମ ସୁଧହାର, ସରଳ ପ୍ରଣାଳୀ ଏବଂ ଅଳ୍ପ ସମୟ ମଧ୍ୟରେ ଘର ରକ୍ଷଣାବେକ୍ଷଣ ଓ ବ୍ୟବସାୟ ବିସ୍ତାର ନିମନ୍ତେ ୧୫ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଉପଲବ୍ଧ।
MANAPPURAM
ASSET FINANCE LIMITED
ଶାଖା: ଡିଷ୍ଟ୍ରିକ୍ ସେଣ୍ଟର, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର
9776581168
9583218642
8598094365

ତାନ୍ତ୍ରିକ ଶକ୍ତିର ବାଦଶାହା
ବାବା ମୟୁର ସାହା
ସ୍ୱତନ୍ତ୍ର ବଶୀକରଣ, ବ୍ୟବସାୟ, ପ୍ରେମ ବିବାହ, ସ୍ୱାମୀ-ସ୍ତ୍ରୀ ସମସ୍ୟା, ଶତ୍ରୁ ସମସ୍ୟା, ସ୍ୱପ୍ନରେ ଡରିବା ଇତ୍ୟାଦି ପାଇଁ ସମସ୍ତ ସ୍ଥାନରୁ ନିରାଶରେ ଫେରିଥିଲେ ଥରେ ମାତ୍ର ସାକ୍ଷାତ କରନ୍ତୁ। ସମସ୍ତ ପ୍ରକାର ସମସ୍ୟାରୁ ମୁକ୍ତିପାଇଁ ୧୦୦% ଫଳ ମିଳିବ।
SAHEED NAGAR, RUPALI SQUARE, BHUBANESWAR
Ph.: 8144114249

HINDUSTAN FINANCE LIMITED
(Reg. No. Reg.No.3367)
(ଖର୍ଚ୍ଚ ଲୋନ ପାସ୍ ହେଲା ପରେ)
ଭାରତର ଗୋଲ୍ଡ ମେଡାଲିଷ୍ଟ କମ୍ପାନୀ ୧୯୯୧ ରୁ ଆପଙ୍କର ସେବାରେ ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
8480089848

All India Tower Group
କମ୍ପାନୀ ଦ୍ୱାରା ନିଜର ଖାଲି ଜମି, ଛାତ, ଚାଷଜମି, ପ୍ଲଟ୍‌ରେ 4G, 5G ଟାୱାର ଲଗାନ୍ତୁ।
ଅଗ୍ରିମ 90 ଲକ୍ଷ + ଭଡ଼ା 60 ହଜାର + ବାଇକ୍ + ଲାପ୍‌ଟପ୍।
ଶୀଘ୍ର ଯୋଗାଯୋଗ କରନ୍ତୁ
9455900841
7042350747

GALLERY TOWER COMPANY
ଦ୍ୱାରା ନିଜର ଖାଲି
ଜମି / ଛାତ / କ୍ଷେତ / ପ୍ଲଟ୍
ରେ 4G/5G ମଲ୍ଟିମିଡିଆ ଟାୱାର ଲଗାନ୍ତୁ
ଅଗ୍ରିମ 60000 + ଭଡ଼ା 45000
9485687401
8901064681

ବାବା ଅମିଲ୍ ସୁଫି
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୂଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
7503449786
8800979262

ALL EDITION - B/W
(Everyday)
for Booking Contact:
0674-2580385
8637280816, 9338757574
7894447167, 9338226625

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ପରୀଙ୍କୁ ନ୍ୟାୟ ଦାବିରେ ଭାଜପାର ଶୋଭାଯାତ୍ରା

**ଖଣ୍ଡପଡ଼ା(ସ୍ୱ.ପ୍ର.):** ପରୀ ମୃତ୍ୟୁ ଘଟଣାର ସିବିଆଇ ତଦନ୍ତ ସହ ମନ୍ତ୍ରୀ ଅରୁଣ ସାହୁଙ୍କ ବହିଷ୍କାର ଦାବିରେ ଖଣ୍ଡପଡା ଭାଜପା ସଂଗଠନ ପକ୍ଷରୁ ରବିବାର ବାଇକ ଶୋଭାଯାତ୍ରା କରାଯାଇଛି। ଭାଜପା ନେତ୍ରୀ ଇଂ. ଅର୍ଚ୍ଚନା ଦାଶଙ୍କ ନେତୃତ୍ୱରେ ସଂଗଠକ ଓ ମଣ୍ଡଳସ୍ତରୀୟ କର୍ମକର୍ତ୍ତା ସ୍ଥାନୀୟ ମା' ଉମାଦେବୀ ମନ୍ଦିର ପରିସରରୁ ଶୋଭାଯାତ୍ରାରେ ବାହାରି ଖଣ୍ଡପଡା ସହର ପରିକ୍ରମା କରଥିଲେ। ପରେ ଶୋଭାଯାତ୍ରା ନୟାଗଡ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲା। ସେଠାରେ ଦଳ ପକ୍ଷରୁ ଚାଲିଥିବା ଧାରଣାରେ କର୍ମୀମାନେ ଯୋଗଦେଇ ଆନ୍ଦୋଳନକୁ ଜୋରଦାର କରିଥିଲେ।

# ବ୍ରାଉନସୁଗାର କାରବାର ବେଲଗାମ

**ନୟାଗଡ ଅଫିସ,୨୦।୧୨**

ବ୍ରାଉନସୁଗାର କାରବାର ଉପରେ ଲଗାମ ନ ଥିବାରୁ ଏହାର ବ୍ୟବସାୟ ନୟାଗଡ଼ ଜିଲାରେ ବଢ଼ିବାରେ ଲାଗିଛି। ଜିଲାର ବିଭିନ୍ନ ଥାନା, ଫାଣ୍ଡି, ମନ୍ଦିର, ବଜାର, ଶିକ୍ଷାନୁଷ୍ଠାନ ସମ୍ମୁଖରେ ବ୍ରାଉନସୁଗାର ବିକ୍ରି ହେଉଛି। କାରବାରକୁ ବଢ଼ାଇବା ପାଇଁ ବେକାର ଯୁବକ, ଗରିବ ଲୋକଙ୍କୁ ନିୟୋଜିତ କରାଯାଉଛି। ପୁଣି ପ୍ରଥମେ ବେକାର ଯୁବକଙ୍କୁ ପ୍ରାୟ ୧ ସପ୍ତାହଠାରୁ ଆରମ୍ଭ କରି ମାସେ ପର୍ଯ୍ୟନ୍ତ ମାଗଣାରେ ବ୍ରାଉନସୁଗାର ଖାଇବାକୁ ବି ଦିଆଯାଉଛି। ଗଣ୍ଡଗୋଳକୁ ଏଡାଇବାକୁ ସ୍ଥାନୀୟ ଲୋକଙ୍କୁ ହାତ ଖର୍ଚ୍ଚ ଦେଇ ନିଜ ପକ୍ଷରେ ରଖୁଛନ୍ତି। ପୁଣି ଗାଁର ଉନ୍ନୟନ କାର୍ଯ୍ୟ ପାଇଁ ମୁକ୍ତ ହସ୍ତରେ ସହଯୋଗ କରାଯାଉଛି। ବ୍ରାଉନସୁଗାର କାରବାର ଜିଲାର ସବୁ ଅଞ୍ଚଳରେ ମାଡି ଚାଲିଥିବାରୁ ଚୋରି, ଲୁଟ୍ ବଢ଼ିବାରେ ଲାଗିଛି।

ନୟାଗଡ ଜିଲା ସଦର ମହକୁମା, ଇଟାମାଟି, ଗୋଡିପଡା, ଖଣ୍ଡପଡା, ଶରଣକୁଳ ଓ ଗଣିଆ ଅଞ୍ଚଳରେ ବ୍ରାଉନସୁଗାର କାରବାର ବଢ଼ି ଚାଲିଛି। ଜିଲାର ଇଟାମାଟି ବ୍ୟବସାୟିକ ଅଞ୍ଚଳ ହୋଇଥିବାବେଳେ ଏଠାରେ ବ୍ରାଉନସୁଗାର ଭଲ କାରବାର ଚାଲିଛି। ପୋଲିସ ଓ ଅବକାରୀ ବିଭାଗର ଚଢ଼ାଉ ଏହାକୁ ରୋକି ପାରୁନାହିଁ। ମଝିରେ ମଝିରେ ଯେଉଁ ଲୋକଦେଖାଣିଆ ଚଢ଼ାଉ ହେଉଛି ତାହାର ସୁଫଳ ମିଳୁନି। କାରଣ ଚଢ଼ାଉ ପୂର୍ବରୁ କୁଆଡେ ଆଗୁଆ ସୂଚନା ଦିଆଯାଉଛି। ଏଣୁ ବ୍ୟବସାୟୀମାନେ ଧରା ପଡୁନାହାନ୍ତି। କାରବାର ବନ୍ଦ କରି ଫେରାର ହୋଇଯାଉଛନ୍ତି। ଅନ୍ୟପକ୍ଷେ ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ବ୍ରାଉନସୁଗାର କାରବାର କରାଯାଉନି। ବ୍ୟବସାୟୀମାନେ ବାରମ୍ବାର ସ୍ଥାନ ବଦଳାଉଛନ୍ତି। ପୁଣି ଟଙ୍କା ନ ଥିଲେ ବନ୍ଧକ ରଖି ବି ବ୍ରାଉନସୁଗାର ମିଳୁଛି। ୨ଦିନ ତଳେ ଗିରଫ ହୋଇଥିବା ଜଣେ ବ୍ୟକ୍ତି ମୋବାଇଲ ବନ୍ଧକ ରଖି ବ୍ରାଉନସୁଗାର କାରବାର କରୁଛନ୍ତି ବୋଲି ଜଣାପଡିଛି। ଏ ନେଇ ଜଣେ ବ୍ୟବସାୟୀ କୁହନ୍ତି, ନୟାଗଡ ଜିଲାରେ ବ୍ରାଉନସୁଗାର କାରବାର ଭଲ ଚାଲିଛି। ଏଠାରେ ଧରପଗଡ଼ ନାହିଁ କହିଲେ ଚଳେ। ଏଠାରେ ଖର୍ଚ୍ଚ କମ, ଲାଭ ଅଧିକ। ତେବେ ବ୍ୟବସାୟ ବଢ଼ାଇବା ଓ ସୁରକ୍ଷା ବାବଦକୁ ଅଧିକ ଅର୍ଥ ଖର୍ଚ୍ଚ କରିବାକୁ ପଡୁଛି। ପୋଲିସ, ଅବକାରୀ ବିଭାଗର ଭୟ ନାହିଁ। କାରଣ ମାସକୁ ମାସ ଚାନ୍ଦା ଓ ଉପହାର ପହଞ୍ଚି ଯାଉଛି। ପୁଣି ସାଧାରଣରେ କାରବାର ପ୍ରତି ଅଭିଯୋଗ ରହୁନି। ନୟାଗଡ ଟାଉନ ଥାନା ଆଇଆଇସି ଜୟଦୀପ ମହାନ୍ତି ଓ ଶରଣକୁଳ ଆଇଆଇସି ବିମଳ ମଲ୍ଲିକ କୁହନ୍ତି, ବ୍ରାଉନସୁଗାରରେ ଲଗାମ ଦେବାକୁ ଚେଷ୍ଟା ଜାରି ରହିଛି। ଖବର ପାଇଲେ ବିଭିନ୍ନ ସମୟରେ ଧରପଗଡ କରୁଛୁ। ଅବକାରୀ ମୋବାଇଲ ସ୍କ୍ୱାଡର ସବ୍‌ଇନ୍ସପେକ୍ଟର ଧନଞ୍ଜୟ ପାତ୍ର କୁହନ୍ତି, ସିନ୍ଦୁରିଆର ବ୍ୟାଙ୍କ ଛକ ଉପରେ ଧରପଗଡ କରାଯାଇ ୧୮ତାରିଖରେ ୧୫ ଗ୍ରାମ୍ ବ୍ରାଉନସୁଗାର ଜବତ ହୋଇଛି। ଆଗକୁ ଚଢ଼ାଉ ଜାରି ରହିବ।

## ସଂକ୍ଷେପରେ

### ଗ୍ରାମରୁ ହରିଣ ଉଦ୍ଧାର



**ଏରସମା,୨୦।୧୨(ସ୍ୱ.ପ୍ର.):** ଏରସମା ବ୍ଲକ ଗଡ଼ବିଶୁନିପୁର ପଞ୍ଚାୟତ ଅନ୍ତର୍ଗତ ଧରିଜାଣ ଗ୍ରାମରୁ ରବିବାର ଅପରାହ୍ନରେ ଏକ ହରିଣ ଉଦ୍ଧାର କରାଯାଇଛି। ଏହି ଗ୍ରାମର ଏକ ଧାନ ଜମିରେ ହରିଣ ବୁଲୁଥିବା ଦେଖି ସ୍ଥାନୀୟ ଯୁବ ବିକାଶ ପରିଦଷଦର କର୍ମକର୍ତ୍ତା ଦୀପ୍ତି ରଞ୍ଜନ ଗୁରୁ ଓ ଅନ୍ୟ ଯୁବକମାନେ ମିଳିତ ହୋଇ ହରିଣଟିକୁ ଧରିବା ସହ ବନବିଭାଗରେ ଖବର ଦେଇଥିଲେ। କୁଜଙ୍ଗ ବନାଞ୍ଚଳ ଅଧିକାରୀ ମାନସ ରଞ୍ଜନ ଦାସଙ୍କ ନିର୍ଦ୍ଦେଶକ୍ରମେ ଫରେଷ୍ଟର ନବୀନ ମଲ୍ଲିକ, ବନରକ୍ଷୀ ରଞ୍ଜନ ତରାଇ ଓ ଯାଦବ ତରାଇ ପ୍ରମୁଖ ସେଠାରେ ପହଞ୍ଚି ହରିଣକୁ ଉଦ୍ଧାର କରି ନିକଟସ୍ଥ ବରୁହାଁ ଜଙ୍ଗଲରେ ଛାଡ଼ି ଦେଇଥିଲେ।

### କୁରାଳ ପଞ୍ଚମୀ ପର୍ବ ଆରମ୍ଭ

**ରସୁଲପୁର,୨୦।୧୨(ଡି.ଏନ.ଏ.):** ରସୁଲପୁର ବ୍ଲକ ଅଞ୍ଚଳର ବିଭିନ୍ନ ସ୍ଥାନରେ କୁମ୍ଭକାର ସମ୍ପ୍ରଦାୟର ମୁଖ୍ୟ ପର୍ବ କୁରାଳ ପଞ୍ଚମୀ ରବିବାରଠାରୁ ଆରମ୍ଭ ହୋଇଛି। ବ୍ଲକ ଅଧୀନ ଓଡ଼ିଶୋ ପଞ୍ଚାୟତର ହାଟ ସିଂହପୁର, ଭୋଟକା ପଞ୍ଚାୟତର ଇଚ୍ଛାପୁର, ପ୍ରଥମାଖଣ୍ଡିର ଗୋପାଳପୁର, ରାଜେନ୍ଦ୍ରପୁରର ଦୁଆଲଖଣ୍ଡି, ମୁଗୁପାଳ, ଟିକରପଡା, ଅର୍ଥଗାଁ, ଅତଲାପୁର ଆଦି ପ୍ରମୁଖ ସ୍ଥାନରେ ଉକ୍ତ ପଞ୍ଚମୀ ପାଳିତ ହେଉଛି। କରୋନା କଟକଣା ଯୋଗୁ ସାଂସ୍କୃତିକ କାର୍ଯ୍ୟକ୍ରମକୁ ବାତିଲ କରାଯାଇଛି। କେବଳ ପାରମ୍ପାରିକ ରୀତିନୀତି ସହ ଏହି ପର୍ବ ପାଳନ କରାଯାଉଛି। ଏହି ପର୍ବ ୫ଦିନ ବ୍ୟାପି ଚାଲିବ ବୋଲି ବାଉରୀ ବନ୍ଧୁ ରଣା, ଗଗନ ରଣା, ଗୋପାଳ ବେହେରା, ବିଷ୍ଣୁ ରଣା, ବାଇଧର ରଣା ଓ ଗଗନ ରଣା ପ୍ରମୁଖ ସୂଚନା ଦେଇଛନ୍ତି।

### ନାବାଳକ ଗଲେ ସୁଧାର ଗୃହ

**ନୟାଗଡ ଅଫିସ,୨୦।୧୨:** ନାବାଳିକାଙ୍କୁ ଅପହରଣ କରିବା ଅଭିଯୋଗରେ ଢ଼େଙ୍କାନାଳ ଜିଲା ମୋତଙ୍ଗା ଥାନା ଅଞ୍ଚଳର ଜଣେ ନାବାଳକଙ୍କୁ ନୟାଗଡ ଟାଉନ ଥାନା ପୋଲିସ ବାଳ ଅପରାଧୀ କୋର୍ଟରେ ହାଜର କରାଇଥିଲା। ଜାମିନ ନାମଞ୍ଜୁର ପରେ ୧୭ ବର୍ଷର ନାବାଳକଙ୍କୁ ଅନୁଗୋଳ ସୁଧାର ଗୃହକୁ ପଠାଇ ଦିଆଯାଇଛି। ୧୦ ତାରିଖରେ ନୟାଗଡ ଟାଉନ ଥାନା ଅଞ୍ଚଳର ଜଣେ ୧୬ ବର୍ଷର ନାବାଳିକା ଅପହରଣ ହୋଇଥିଲା। ତାଙ୍କୁ ଜଣେ ନାବାଳକ ଅପହରଣ କରି ନେଇ ବିବାହ କରିବାକୁ ଢ଼େଙ୍କାନାଳ ଅଞ୍ଚଳରେ ରଖିଥିଲେ। ଅଭିଯୋଗ ପରେ ପୋଲିସ ନଂ. ୨୦୯/୨୦ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ପରେ ଢ଼େଙ୍କାନାଳ ଅଞ୍ଚଳରୁ ଉଭୟଙ୍କୁ ଉଦ୍ଧାର କରାଯାଇଥିଲା।

### ମୃତ ଚାଷୀଙ୍କୁ ଶ୍ରଦ୍ଧାଞ୍ଜଳି

**ଜଗତ୍‌ସିଂହପୁର ଅଫିସ୍, ୨୦।୧୨:** କୃଷି ଆଇନକୁ ବିରୋଧ କରି ଦିଲ୍ଲୀରେ ଚାଷୀ ଆନ୍ଦୋଳନ ଜାରି ରହିଛି। ଏହା ଭିତରେ ଏକାଧିକ ଚାଷୀଙ୍କ ମୃତ୍ୟୁ ଘଟିଛି। ଏନେଇ ରବିବାର ନବ ନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ସ୍ଥାନୀୟ ଥାନା ଛକରେ ଶ୍ରଦ୍ଧାଞ୍ଜଳି ସଭାର ଆୟୋଜନ କରାଯାଇଥିଲା । ବଂଶୀଧର ପଟ୍ଟନାୟକ ଏଥିରେ ପୌରୋହିତ୍ୟ କରି ଚାଷୀଙ୍କ ବଳିଦାନ ବ୍ୟର୍ଥ ଯିବନି ବୋଲି କହିଥିଲେ। ସଙ୍ଗଠନ ଉପଦେଷ୍ଟା ନିତ୍ୟାନନ୍ଦ ପଣ୍ଡା, ରାଜ୍ୟ ସହ ସଂଯୋଜକ ରଶ୍ମିରଞ୍ଜନ, ରାଜ୍ୟ କମିଟି ସଭ୍ୟ ଦେବୀ ପ୍ରସାଦ ମହାରଣା ଓ ଜିଲା ସହ ସଂଯୋଜକ ଅଶୋକ କୁମାର ସ୍ୱାଇଁ ଉପସ୍ଥିତ ଥିଲେ।

### ବାଲାବାବା କ୍ଲବର କର୍ମକର୍ତ୍ତା ନିର୍ବାଚନ

**କେନ୍ଦ୍ରାପଡ଼ା ଅଫିସ, ୨୦।୧୨:** କେନ୍ଦ୍ରାପଡ଼ା ସହରସ୍ଥ ବାଲାବାବା କ୍ଲବର କର୍ମକର୍ତ୍ତା ନିର୍ବାଚନ ସହରର ଗଣାମାହାଲସ୍ଥିତ ବାଲାବାବା ମନ୍ଦିରରେ ରବିବାର ଅନୁଷ୍ଠିତ ହୋଇଛି। କମିଟି ସଭାପତି ଭାବେ ଅଜୟ ବେହେରା, ଅନ୍ନଦା ପ୍ରସାଦ ଦାସଙ୍କୁ ସମ୍ପାଦକ ଭାବେ ଚୟନ କରାଯାଇଥିଲା। ବିଦ୍ୟୁତ୍ ରଞ୍ଜନ ନାୟକ ଉପସଭାପତି, ଗାଙ୍ଗେୟ ବିଶ୍ୱାଳ ସହସମ୍ପାଦକ, ଚିତ୍ତରଞ୍ଜନ ମହାନ୍ତି କୋଷାଧ୍ୟକ୍ଷ, ସୁବାସ ଚନ୍ଦ୍ର ସାହୁଙ୍କୁ କୋଚ୍ ମ୍ୟାନେଜର ଚୟନ କରାଯାଇଥିଲା।

# 'ଶାସକଙ୍କ ଇଚ୍ଛାଶକ୍ତି ଅଭାବରୁ ବିକାଶ ହେଉନି'

**ଯାଜପୁର ଟାଉନ, ୨୦।୧୨(ଡି.ଏନ.ଏ.):** ଭୁବନେଶ୍ୱର ଏମ୍ପି ତଥା ଭାଜପା ରାଷ୍ଟ୍ରୀୟ ପ୍ରବକ୍ତା ଅପରାଜିତା ଷଡ଼ଙ୍ଗୀ ରବିବାର ଦିନିକିଆ ଯାଜପୁର ଜିଲା ଗସ୍ତ କରିଛନ୍ତି। ଏହି ସମୟରେ ସେ ମା' ବିରଜାଙ୍କ ଦର୍ଶନ କରିବା ସହ ବିଭିନ୍ନ ଅଞ୍ଚଳ ବୁଲି ଲୋକଙ୍କ ସମସ୍ୟା ବୁଝିଛନ୍ତି। ଶେଷରେ ଖବରଦାତା ସମ୍ମିଳନୀ କରି ଶାସକ ଦଳ ବିରୋଧରେ ବର୍ଷିଛନ୍ତି। ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ କହିଥିଲେ, ପ୍ରଶାସକଙ୍କ ଦୋଷ ନାହିଁ। ଶାସକଙ୍କ ଇଚ୍ଛାଶକ୍ତି ଅଭାବରୁ ଜିଲାର ବିକାଶ ହୋଇପାରୁନାହିଁ।

ଜିଲାରେ ରତ୍ନଗିରି, ଉଦୟଗିରି ଓ ଲଳିତଗିରି ପର୍ଯ୍ୟଟନସ୍ଥଳ କେନ୍ଦ୍ର ହୋଇଥିବା ବେଳେ ରାଜ୍ୟ ସରକାରଙ୍କ ଅସହଯୋଗ ଯୋଗୁ ବିଦେଶୀ ପର୍ଯ୍ୟଟକ ଆସିବା ପାଇଁ ଅନିଚ୍ଛା ପ୍ରକାଶ କରୁଛନ୍ତି। ଯାଜପୁର ସର୍କିଟହାଉସ୍‌ଠାରେ କର୍ମୀ, ଯୁବସଂଗଠକ ଓ ବୁଦ୍ଧିଜୀବୀଙ୍କ ସହିତ ଆଲୋଚନା କରି ବିକାଶ କରିବାକୁ



ଖବରଦାତା ସମ୍ମିଳନୀରେ ଏମ୍ପି ଅପରାଜିତାଙ୍କ ସମେତ ଭାଜପା ନେତାମାନେ।

ହେଲେ ସମସ୍ତଙ୍କ ସହିତ ଏକଜୁଟ୍ କାର୍ଯ୍ୟ କରିବା ପାଇଁ ପରାମର୍ଶ ଦେଇଥିଲେ। ବିଶେଷ କରି ୧୫ଟି ବିଷୟରେ ସୂଚନା ଦେଇ କହିଥିଲେ, ଜିଲା ମିନେରାଲ୍ ଫଣ୍ଡର ବହୁ ଅର୍ଥ ରହିଛି। ବଡ଼ଚଣା ଓ ଧର୍ମଶାଳା ବ୍ଲକ୍‌ରେ ଯେଉଁଳି ଅର୍ଥ ଖର୍ଚ୍ଚ ହେବା କଥା ତାହା ନ ହୋଇ ଯାଜପୁରସହରରେ ଅଧିକ ଅର୍ଥ ଖର୍ଚ୍ଚ କରାଯାଉଛି। ନଗଡ଼ାର ଯେଉଁଳି ବିକାଶ ହେବା କଥା ତାହା ହୋଇପାରିନାହିଁ। ୮୦ ଦଶକରେ ରେଙ୍ଗାଲି ସାଉଥ୍ କେନାଲ ହୋଇଥିଲା। ଏହା ବଡ଼ଚଣା ପର୍ଯ୍ୟନ୍ତ ଆସିବାର ଯୋଜନା ହୋଇଥିଲା, କିନ୍ତୁ ତାହା ହୋଇପାରିନାହିଁ। କଳିଙ୍ଗନଗର ଶିଳ୍ପାଞ୍ଚଳରେ ସ୍ଥାନୀୟ ଯୁବକଙ୍କୁ ନିଯୁକ୍ତି ଦିଆଯାଉନାହିଁ। ୮ଲକ୍ଷରୁ ଉର୍ଦ୍ଧ୍ୱ ପ୍ରବାସୀ ଶ୍ରମିକ ଜିଲାରେ ରହିଛନ୍ତି। ସେମାନଙ୍କ ପାଇଁ ଦକ୍ଷତା ବୃଦ୍ଧି କାର୍ଯ୍ୟକ୍ରମ ହେଉନାହିଁ। ରାଜ୍ୟ ସରକାର ରେଲୱେ ପାଖରେ ଠିକ୍ ଉପସ୍ଥାପନ କରି ନ ପାରିବାରୁ ଯାଜପୁର-ବିରଜାକ୍ଷେତ୍ର ରେଳ ସଂଯୋଗ ହୋଇପାରୁନାହିଁ ବୋଲି ସେ କହିଥିଲେ। ଖବରଦାତା ସମ୍ମିଳନୀରେ ଅମିୟକାନ୍ତ ମଲ୍ଲିକ, କାହ୍ନୁ ଚରଣ ଦାସ, କୈଳାଶ ବିଶ୍ୱାଳ ଓ ଶ୍ରୀମୟନ୍ତୀ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ଘର ନ କରାଇ ଦେବାକୁ ଯୋଜନା

## ପୂର୍ତ୍ତ ବିଭାଗର ବିବାଦୀୟ ସ୍ଥାନରେ କଲଭର୍ଟ ନିର୍ମାଣ

**ପଟ୍ଟାମୁଣ୍ଡାଇ, ୨୦।୧୨(ସ୍ୱ.ପ୍ର.)**


ପୂର୍ତ୍ତ ବିଭାଗ ପକ୍ଷରୁ କରାଯାଇଥିବା କଲ୍‌ଭର୍ଟ।

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ବ୍ଲକ ବଡପଡା ପଞ୍ଚାୟତର ଏକ ବିବାଦୀୟ ସ୍ଥାନରେ ୭ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ କଲ୍‌ଭର୍ଟ ନିର୍ମାଣ କରାଯାଇଛି। ଫଳରେ ବିଜୟ ରାଉତରାୟଙ୍କ ଘର ଉପରେ ନିଷ୍କାସିତ ପାଣି ମାଡ଼ କରିବ। ତାଙ୍କୁ ଘର କରାଇ ନ ଦେବାକୁ ଏଭଳି ଯୋଜନା ହୋଇଥିବା ସେ ଅଭିଯୋଗ କରିଛନ୍ତି।

ସୂଚନାଯୋଗ୍ୟ, କଲ୍‌ଭର୍ଟ ନିର୍ମାଣ ସ୍ଥଳର ୨୦୦ ଫୁଟ ପୂର୍ବରୁ ଏକ କଲ୍‌ଭର୍ଟ ଓ ଡ୍ରେନ ରହିଛି। ୨୦୦ ଫୁଟ ପରେ ମଧ୍ୟ ଅନ୍ୟ ଏକ ଡ୍ରେନ୍ କଲଭର୍ଟ ଅଛି। ମାତ୍ର ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ନ ଦେଇ ଡ୍ରେନ୍ ନିର୍ମାଣ କରିବାକୁ ଗ୍ରାମବାସୀ ଓ ଉକ୍ତ ବ୍ୟକ୍ତି ବିରୋଧ କରୁଛନ୍ତି। ଘର ନିର୍ମାଣ କରୁଥିବା ରାଉତରାୟ କେନ୍ଦ୍ରାପଡା ଜିଲାପାଳ, ପଟ୍ଟାମୁଣ୍ଡାଇ ତହସିଲଦାର, ବିଡିଓ ଓ ପୂର୍ତ୍ତ ବିଭାଗ ଏସ୍‌ଡିଓଙ୍କ ନିକଟରେ ତଦନ୍ତ ପାଇଁ ଲିଖିତ ଅଭିଯୋଗ କରିଛନ୍ତି। ଡ୍ରେନ୍ ଓ କଲ୍‌ଭର୍ଟ ନିର୍ମାଣ କରୁଥିବା ଠିକାଦାରଙ୍କୁ ଗ୍ରାମବାସୀ ନିଷ୍ପତ୍ତି ନ ହେବା ପର୍ଯ୍ୟନ୍ତ କାମ ବନ୍ଦ କରିବାକୁ ଅନୁରୋଧ କରିଥିଲେ। ହେଲେ ସେ ମାନୁନାହାନ୍ତି। ଏ ସମ୍ପର୍କରେ ରାଜନଗର ପୂର୍ତ୍ତ ବିଭାଗ ଏସ୍‌ଡିଓ ଅମିୟ ରଞ୍ଜନ ସିହ୍ନାଙ୍କୁ ପଚାରିବାରେ ଉକ୍ତ ସ୍ଥାନ ଦେଖିନାହିଁ କି ଅଭିଯୋଗ ମଧ୍ୟ ପାଇନାହିଁ। ତେବେ ଉକ୍ତ ବିବାଦୀୟ ସ୍ଥାନର ତଦନ୍ତ କରି ଠିକ୍ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି। ସେହିପରି କନିଷ୍ଠ ଯନ୍ତ୍ରୀ ବିଶ୍ୱରଞ୍ଜନ ସ୍ୱାଇଁଙ୍କୁ ପଚାରିବାରେ ଅଭିଯୋଗ ସମ୍ପର୍କରେ ଜାଣିନାହିଁ, ହେଲେ ତାହା ତଦନ୍ତ କରି ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। ପଟ୍ଟାମୁଣ୍ଡାଇ ତହସିଲଦାର ଶରତ କୁମାର ଗିରି ଓ ଭାରପ୍ରାପ୍ତ ବିଡିଓ ଭରତ ଚନ୍ଦ୍ର ପରିଡା ମଧ୍ୟ ସମାନ ଢଙ୍ଗରେ ପଦକ୍ଷେପ ନେବେ ବୋଲି କହିଛନ୍ତି। ଅପରପକ୍ଷରେ ଘର ନିର୍ମାଣ କରୁଥିବା ବିଜୟ ପ୍ରଶାସନ ପକ୍ଷରୁ ନ୍ୟାୟ ନ ମିଳିଲେ କୋର୍ଟରେ ଆଶ୍ରୟ ନେବେ ବୋଲି କହିଛନ୍ତି।

# ବୃଢ଼ଙ୍ଗ ଯୋଜନା ବିଳମ୍ବ ଯୋଗୁ ଅସନ୍ତୋଷ

**ଦଶପଲା, ୨୦।୧୨( ଡି.ଏନ.ଏ.):** ଦଶପଲାର କୁଆଁରିଆ ଡ୍ୟାମ୍ ନିକଟରେ ରବିବାର ବୃଢ଼ଙ୍ଗ ଜଳସେଚନ ଯୋଜନା କ୍ରିୟାନୁଷ୍ଠାନ କମିଟିର ୨ୟ କାର୍ଯ୍ୟକାରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଇନଜୀବୀ ମନୋଜ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବୃଢ଼ଙ୍ଗ ଯୋଜନାକୁ କାର୍ଯ୍ୟକାରୀ କରିବାରେ ବିଳମ୍ବ ହେଉଥିବାରୁ କ୍ଷୋଭ ପ୍ରକାଶ ପାଇଥିଲା। ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ସମଗ୍ର ନୟାଗଡ ଜିଲାକୁ ସୁଫଳ ମିଳିବ ବୋଲି ବକ୍ତାମାନେ ମତପ୍ରକାଶ କରିଥିଲେ। ବିଶେଷତଃ ଚାଷୀ ଏବଂ ଚାଷର ଯଥେଷ୍ଟ ଉନ୍ନତି ହେବ। ଏହା ବିଳମ୍ବ ହେଉଥିବାରୁ ସେ ସମ୍ପର୍କରେ ୧ ଲକ୍ଷ ସ୍ୱାକ୍ଷର ସମ୍ବଳିତ ଏକ ଦାବିପତ୍ର ରାଜ୍ୟପାଳଙ୍କଠାରୁ ଆରମ୍ଭ କରି ବିଧାୟକଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ଦିଆଯିବ। ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ ଆଇନଜୀବୀ ବେଣୁଧର ନାୟକ, ସହସମ୍ପାଦକ ଲକ୍ଷ୍ମୀ ନାରାୟଣ ରାଉତରାୟ, କୋଷାଧ୍ୟକ୍ଷ ବସନ୍ତ କୁମାର କର, ମହିଳା କଂଗ୍ରେସ ଉମାରାଣୀ ପାଣି, ବିନୋଦିନୀ ମହାନ୍ତି, କଂଗ୍ରେସ ଯୁବ ନେତା ସୁକାନ୍ତ ଶତପଥୀ, ନାରାୟଣ ସାହୁ ପ୍ରମୁଖ ଉଦବୋଧନ ଦେଇଥିଲେ।


ବୈଠକରେ ଉପସ୍ଥିତ କ୍ରିୟାନୁଷ୍ଠାନ କମିଟି କର୍ମକର୍ତ୍ତା।

# ଭଲିବଲ ଟୁର୍ନାମେଣ୍ଟ: କୁରାଡ଼ିଲୋ ଚାମ୍ପିୟନ

**ଖଣ୍ଡପଡା,୨୦।୧୨(ସ୍ୱ.ପ୍ର.):** ଭାପୁର ବ୍ଲକ ପଥରଚକଡା ପଞ୍ଚାୟତ ମାଧପୁର ସ୍ପୋର୍ଟ ଆସୋସିଏଶନ ପକ୍ଷରୁ ଅନୁଷ୍ଠିତ ଭଲି ଟୁର୍ନାମେଣ୍ଟରେ କୁରାଡିଲୋ ସ୍ପୋର୍ଟ୍ସ କ୍ଲବ ଗୋଡିଆଳି ଭଲି ଟିମ୍‌କୁ ୨-୧ ସେଟ୍‌ରେ ହରାଇ ଚାମ୍ପିୟନ ହୋଇଛି।ସ୍ଥାନୀୟ ପ୍ରାଥମିକ ବିଦ୍ୟାଳୟ ଖେଳପଡିଆରେ ଶୁକ୍ରବାରଠାରୁ ୮ଟି ଟିମ୍‌କୁ ନେଇ ଟୁର୍ନାମେଣ୍ଟ ଆରମ୍ଭ ହୋଇଥିଲା। ଶନିବାର କୁରାଡିଲୋ ବନାମ ଭାପୁର ଏବଂ କଣ୍ଟିଲୋ ବନାମ ଗୋଡିଆଳି ମଧ୍ୟରେ ସେମିଫାଇନାଲ ମ୍ୟାଚ ହୋଇଥିଲା। ଫାଇନାଲ ମ୍ୟାଚରେ କୁରାଡିଲୋ ସହ ଗୋଡିଆଳି ଟିମ୍ ଖେଳିଥିଲା। ମ୍ୟାଚରେ କୁରାଡିଲୋ ବିଜୟୀ ହୋଇଥିଲା। ଶଙ୍କର୍ଷଣ ମଲ୍ଲିକ, ସଞ୍ଜୟ ବଡେଇ ଓ ଅଶୋକ ବେଜ ଖେଳକୁ ପରିଚାଳନା କରିଥିଲେ। ମୁଖ୍ୟଅତିଥି ଭାବେ ପଥରଚକଡା ସରପଞ୍ଚ ତ୍ରିନାଥ ମୁଦୁଲି ଯୋଗଦେଇ ଚାମ୍ପିୟନ ଦଳକୁ ଟ୍ରଫି ଓ ଅର୍ଥରାଶି ପ୍ରଦାନ କରିଥିଲେ।

# ବ୍ଲକ ଯୁବ ବିଜେଡିର ନୂତନ କର୍ମକର୍ତ୍ତା

**ରସୁଲପୁର,୨୦।୧୨(ଡି.ଏନ.ଏ.)**

ରସୁଲପୁର ବ୍ଲକ ଯୁବ ବିଜେଡିର ବିଭିନ୍ନ କମିଟି ପାଇଁ ନୂତନ କର୍ମକର୍ତ୍ତା ମନୋନୟନ କରାଯାଇଛି। ରାଜ୍ୟ ବିଜୁ ଜନତା ଦଳ ଯୁବ ବ୍ୟାପାର ସାଧାରଣ ସମ୍ପାଦକ ତଥା ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ଉକ୍ତ କର୍ମକର୍ତ୍ତା ତାଲିକାକୁ ଅନୁମୋଦନ କରିଛନ୍ତି ବୋଲି ବ୍ଲକ ବିଜୁ ଜନତା ଦଳ ସଭାପତି ପ୍ରଫୁଲ୍ଲ ସାହୁ ପ୍ରକାଶ କରିଛନ୍ତି। ଏହି କର୍ମକର୍ତ୍ତା ମଧ୍ୟରେ ଯୁବ କମିଟିର ଉପସଭାପତିଭାବେ ପ୍ରଭାତ କୁମାର ପୃଷ୍ଟି, ଦେବାଶିଷ ସ୍ୱାଇଁ, ନିହାର ରଞ୍ଜନ ଦାସ, ରାଜେଶ ଦାସ ଓ ମାନସ ବାରିକଙ୍କୁ ମନୋନୀତ କରାଯାଇଥିବା ବେଳେ ୧୦ଜଣ ଲେଖାଏ ଯୁବକଙ୍କୁ କମିଟିର ସାଧାରଣ ସମ୍ପାଦକ ଓ ସମ୍ପାଦକ ମନୋନୀତ କରାଯାଇଛି। ଏହାଛଡ଼ା ବ୍ଲକ ଅଧୀନ ୨୮ ପଞ୍ଚାୟତ ପାଇଁ ସଭାପତି ଚୟନ କରାଯାଇଛି। ମନୋନୀତ କର୍ମକର୍ତ୍ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି। ଦଳ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନୀତି ଆଦର୍ଶକୁ ଅନୁପାଳନ କରି ନୂତନ କର୍ମକର୍ତ୍ତା କାର୍ଯ୍ୟ କରିବେ ବୋଲି ପ୍ରକାଶ କରିଛନ୍ତି।

# ଭିତରକନିକାରେ ବିଦେଶାଗତ ପକ୍ଷୀଙ୍କ ଭିଡ଼

**ରାଜନଗର, ୨୦।୧୨(ଡି.ଏନ୍.ଏ.)**

ଭିତରକନିକାରେ ପ୍ରାୟ ୮୦ ହଜାରରୁ ଉର୍ଦ୍ଧ୍ୱ ପକ୍ଷୀଙ୍କ ସମାଗମ ହୋଇଛି। ଆଗନ୍ତୁକ ପକ୍ଷୀଙ୍କ ମଧ୍ୟରେ ସାଇବେରୀୟ ବତକ, ସମୁଦ୍ର କାଉ, ଚାମଚ ଥଣ୍ଟିଆ, ଏରା, ଲାଲମୁଣ୍ଡିଆ ବତକ, ପାତିହଂସ, ନୀଳମୁଣ୍ଡିଆ ସାରସ, ପେଣ୍ଟ୍ସ, ଫ୍ଲାଇକେଚର, କୋଟସ ଫିଣ୍ଟାଲିନ, ସୋଭେଲର, ଉଇଗେନ ହ୍ୱାଇଟ, ହ୍ୱାଇଟ ବିଲିଭ୍‌ସି ପ୍ରଭୃତି ପ୍ରଜାତିର ପକ୍ଷୀଙ୍କ ସମାଗମ ଦେଖିବାକୁ ମିଳୁଛି। ଶୀତ ଦାଉରୁ ରକ୍ଷା ପାଇବା ପାଇଁ ହିମାଳୟ ପାଦ ଦେଶ ସମେତ ବିଦେଶରୁ ଆସିଥିବା ଏହି ପକ୍ଷୀମାନେ ଏବେ ସାତଭାୟା ଘେରି, ରାଇପାଟିଆ, ଅଗରନାସୀ ଦ୍ୱୀପ, ବରୁଣେଇ ମୁହାଣ ପ୍ରଭୃତି ସ୍ଥାନରେ ଦୃଶ୍ୟମାନ ହେଉଛନ୍ତି। ଆସନ୍ତା ୬ ତାରିଖଠାରୁ ଆଗନ୍ତୁକ ବିଦେଶାଗତ ପକ୍ଷୀଙ୍କ ଗଣନା କାର୍ଯ୍ୟ କରାଯିବ ବୋଲି ରାଜନଗର ଡିଏଫ୍‌ଓ ବିକାଶରଞ୍ଜନ ଦାଶ ସୂଚନା ଦେଇଛନ୍ତି।



ନିଶା ନିବାରଣ ଅଭିଯାନରେ ସାମିଲ ହୋଇଥିବା ମହିଳା।

# ନିଶା ନିବାରଣ ପାଇଁ ଆନ୍ଦୋଳନ

**କଳିଙ୍ଗନଗର,୨୦।୧୨(ଡି.ଏନ.ଏ.)**

ଦାନଗଦୀ ବ୍ଲକ ଅଧୀନ କୁମ୍ଭୀରଗାଡ଼ିଆ ପଞ୍ଚାୟତ ମାରୁଟିକର ଗ୍ରାମରେ ନିଶା ନିବାରଣ ଅଭିଯାନ ଅନୁଷ୍ଠିତ ହୋଇଛି। ଏହି ଅବସରରେ ମା' ହିଙ୍ଗୁଳା ପୀଠ ମହାସଂଘ ପକ୍ଷରୁ ଶତାଧିକ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳା ପ୍ଲାକାର୍ଡ ଧରି ଶୋଭଯାତ୍ରା ମାଧ୍ୟମରେ ଜନସଚେତନତା ସୃଷ୍ଟି କରିଥିଲେ। ଶୋଭାଯାତ୍ରା ଗାଁରାସ୍ତା ଦେଇ ଯାଉଥିବା ବେଳେ ସ୍ଥାନୀୟ ଗାଁର ଦେଶୀ ମଦ ବିକ୍ରି କରୁଥିବା ଜଣେ ବ୍ୟକ୍ତି ମହିଳାମାନଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିବା ସେମାନେ ଖବରଦାତା ସମ୍ମିଳନୀରେ ଅଭିଯୋଗ କରିଛନ୍ତି।

୨୦୧୪ରୁ ଏହି ସ୍ୱୟଂ ସହାୟକ ଗୋଷ୍ଠୀ ମହିଳା ଦାନଗଦୀ ଫାଣ୍ଡି, ଯାଜପୁର ରୋଡ ଥାନା, ଏସ୍‌ପି ଅଫିସ ଓ ଅବକାରୀ ବିଭାଗକୁ ଜଣାଇଥିଲେ ମଧ୍ୟ ଚୋରାମଦ ବ୍ୟବସାୟୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବା ଅଭିଯୋଗ କରିଛନ୍ତି। ସେମାନେ କହିଛନ୍ତି, ଗାଁର ପୁରୁଷମାନେ ଯାହା ରୋଜଗାର କରୁଛନ୍ତି ତାହାକୁ ମଦଭାଟିରେ ଉଡ଼ାଇ ଦେଇ ଆସି ଘରେ ଗଣ୍ଡଗୋଳ କରୁଛନ୍ତି। ତେବେ ଆଗାମୀ ଦିନରେ ଚୋରା ମଦ ବିକ୍ରି ବନ୍ଦ ନ ହେଲେ ଜିଲାପାଳ ଓ ଏସପି ଅଫିସ୍ ଘେରାଉ କରାଯିବ ବୋଲି ସ୍ୱୟଂ ସହାୟକ ଗୋଷ୍ଠୀ ପକ୍ଷରୁ ବାସନ୍ତୀ ଦଳେଇ, ମାମୀ ଦଳେଇ, ଗେଡ଼ି ଦଳେଇ, ରଙ୍ଗ ଦଳେଇ ଓ ମେଙ୍କି ଦଳେଇ ପ୍ରମୁଖ ଚେତାବନୀ ଦେଇଛନ୍ତି।

# ବେଦପ୍ରକାଶ ଅଗ୍ରୱାଲଙ୍କ ଜୟନ୍ତୀ


ଜୟନ୍ତୀ ଅବସରରେ ଉପସ୍ଥିତ ବିଧାୟିକା ସାବିତ୍ରୀ ଅଗ୍ରୱାଲ ଓ ଅନ୍ୟମାନେ।

**ଡେରାବିଶ, ୨୦।୧୨(ସ୍ୱ.ପ୍ର.)**

ପାଟକୁରାର ବିକାଶ ପୁରୁଷ ପୂର୍ବତନ ବିଧାୟକ ସ୍ୱର୍ଗତ ବେଦପ୍ରକାଶ ଅଗ୍ରୱାଲଙ୍କ ୮୫ ତମ ଜୟନ୍ତୀ ରବିବାର ଡେରାବିଶ ବ୍ଲକ ଅଧୀନ ଚାଟରାଚକଡ଼ାଠାରେ ପାଳିତ ହୋଇଯାଇଛି। ବ୍ଲକ ବିଜେଡି ପକ୍ଷରୁ ନିର୍ବାଚନମଣ୍ଡଳୀ ସ୍ତରୀୟ ଜୟନ୍ତୀ ଉତ୍ସବରେ ବିଧାୟିକା ସାବିତ୍ରୀ ଅଗ୍ରୱାଲ, ବିଜେଡି ନେତା ପ୍ରମୋଦ କୁମାର ରଥଙ୍କ ସମେତ ବହୁ ନେତା ଯୋଗଦେଇ ବେଦୁବାବୁଙ୍କ ଫଟୋଚିତ୍ରରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ବ୍ଲକ ବିଜେଡି ସଭାପତି ଦେବାଶିଷ ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଜୟନ୍ତୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ଯୋଗ ଦେଇ ବିଧାୟିକା ଅଗ୍ରୱାଲ ପାଟକୁରାର ବିକାଶ ପାଇଁ ସଂଗ୍ରାମ କରି ଆସିଥିବା ପୂର୍ବତନ ବିଧାୟକ ବେଦୁବାବୁଙ୍କ କାର୍ଯ୍ୟଧାରାକୁ ଆଗେଇ ନେବା ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିଭିନ୍ନ ଲୋକାଭିମୁଖୀ କାର୍ଯ୍ୟକ୍ରମକୁ ନିର୍ବାଚନ ମଣ୍ଡଳୀରେ କାର୍ଯ୍ୟକାରୀ କରିବାକୁ ସେ ସଂକଳ୍ପବଦ୍ଧ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ୧୨ ନଂ. ଜୋନ୍ ଜିଲା ପରିଷଦନ ସଭ୍ୟା ମନୋରମା ସାହୁ, ପୂର୍ବତନ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଗଣେଶ୍ୱର ବେହେରା, ସରପଞ୍ଚ ଯୋଗାନନ୍ଦ ମହାନ୍ତି, ଶ୍ରୀୟା ରୟ, ପୂର୍ବତନ ଜିଲା ପରିଷଦ ସଭ୍ୟ ଭବାନୀ ଓଝା ପ୍ରମୁଖ ଯୋଗଦେଇଥିଲେ।

# ଏକାଦଶାହରେ ବାସନ୍ତୀଙ୍କୁ ଶ୍ରଦ୍ଧାଞ୍ଜଳି


ଏକାଦଶାହରେ ଯୋଗ ଦେଇଥିବା ବ୍ୟକ୍ତି ବିଶେଷ।

**ରସୁଲପୁର,୨୦।୧୨(ଡି.ଏନ.ଏ.)**

ରସୁଲପୁର ବ୍ଲକ କଲଣ ପଞ୍ଚାୟତର ପୂର୍ବତନ ଶିକ୍ଷକ ହାଡ଼ିବନ୍ଧୁ ସାହୁଙ୍କ ସ୍ତ୍ରୀ ବାସନ୍ତୀଙ୍କ ଏକାଦଶାହ ରବିବାର ପାଳିତ ହୋଇଛି। ଏହି ଅବସରରେ ଏକ ଶ୍ରଦ୍ଧାଞ୍ଜଳି ସଭା ଆୟୋଜିତ ହୋଇଥିଲା। ବାସନ୍ତୀଙ୍କ ପୁତ୍ର ଭାରତ ଭୂଷଣ, ବିଶ୍ୱଭୂଷଣ, ନିଳାଦ୍ରୀ ଭୂଷଣଙ୍କ ସମେତ ଆତ୍ମିୟ ସ୍ୱଜନ ଉପସ୍ଥିତ ଥିଲେ। ପ୍ରଫେସର ରଙ୍ଗାଧର ସାହୁ, ପ୍ରଦୀପ ସେଠୀ, ଫାଲଗୁନି ବିଭୁକଲ୍ୟାଣ ଦାସ, ଧ୍ରୁବଚରଣ ସାହୁ, ସତ୍ୟସ୍ୱରୂପ ସାହୁ, ସୁରେନ୍ଦ୍ରନାଥ ସାହୁଙ୍କ ସେମତ ଶତାଧିକ ଜନସାଧାରଣ ଯୋଗଦେଇ ବାସନ୍ତୀଙ୍କ ଫଟୋଚିତ୍ରରେ ପୁଷ୍ପ ଦେଇ ଶ୍ରଦ୍ଧାଜଳି ଜଣାଇଥିଲେ।

# ଖରାଦିନିଆ ରାସ୍ତା ନିର୍ମାଣ ନେଇ ଆଶଙ୍କା

**ବରୀ,୨୦।୧୨(ଡି.ଏନ.ଏ.)**

ଯାଜପୁର ଜିଲାର ଜେନାପୁରଠାରୁ ବରୀ ବ୍ଲକର କାଇପଡ଼ା ପର୍ଯ୍ୟନ୍ତ ଯାଇଥିବା ବ୍ରାହ୍ମଣୀ ନଦୀର କଳାମାଟିଆ, ରଜାତୋଟା, ବାଲିକାନ୍ଥିଆ, ମାଟିଆପଡ଼ା ଏବଂ ମେଣ୍ଟଠାରେ ମାଟି ଓ ମୋରମ ପକାଯାଇ ପ୍ରତିବର୍ଷ ଖରାଦିନିଆ ରାସ୍ତା ନିର୍ମାଣ ହୋଇଥାଏ। ଏହି ରାସ୍ତାରେ ଡିସେମ୍ବରରୁ ଜୁନ ପର୍ଯ୍ୟନ୍ତ ୬ ମାସ ଧରି ଲୋକେ ଯାତାୟାତ କରିଥାନ୍ତି। ମାତ୍ର ଚଳିତ ବର୍ଷ ଏ ପର୍ଯ୍ୟନ୍ତ ଏହି ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇନାହିଁ। ଫଳରେ ଏହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏପରି କି ରାସ୍ତା ନିର୍ମାଣ ହେବ କି ନାହିଁ ତାକୁ ନେଇ ଆଶଙ୍କା ସୃଷ୍ଟି ହୋଇଛି। କଳାମାଟିଆ ଖରାଦିନିଆ ରାସ୍ତାରେ ଗମ୍ଭୁ, ସେରପୁର, ମହାକାଳପଡ଼ା, ଛିଅପାଳ ଓ ମିତ୍ରସେନପୁରସମେତ ୨୦ରୁ ଉର୍ଦ୍ଧ୍ୱ

## ଯାତାୟାତ ପାଇଁ ଲୋକେ ହନ୍ତସନ୍ତ

ଗ୍ରାମବାସୀ ବରୀ ବ୍ଲକ୍ କାର୍ଯ୍ୟାଳୟ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ବରୀ ତହସିଲ କାର୍ଯ୍ୟାଳୟକୁ ଯାତାୟାତ କରିଥାନ୍ତି। ଏତଦ୍‌ବ୍ୟତୀତ ରାଜାତୋଟାଠାରେ ଅଣିକଣା ଓ ରାଜାତୋଟାର ସଂଯୋଗୀକରଣ ସେତୁର କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ନ ଥିବାରୁ ପୂର୍ବରୁ ଏଠାରେ ନିର୍ମାଣ ହେଉଥିବା ଖରା ଦିନିଆ ରାସ୍ତା ଦ୍ୱାରା ବ୍ରାହ୍ମଣୀ ନଦୀ ଦକ୍ଷିଣପାର୍ଶ୍ୱର ୫ଟି ପଞ୍ଚାୟତର ଛାତ୍ରଛାତ୍ରୀ କାଦମ୍ବିନୀପାଳ ମହିଳା ମହାବିଦ୍ୟାଳୟ, କନକ ଦୁର୍ଗା ବିଦ୍ୟାପୀଠ, ଆମ୍ରକାନନ ଶିକ୍ଷା ନିକେତନ ଓ ଗୋପବନ୍ଧୁ ଚୌଧୁରୀ ମହାବିଦ୍ୟାଳୟକୁ ଯାତାୟତ କରିଥାନ୍ତି। ଗତବର୍ଷ ଏହି ୫ଟି ଖରା ଦିନିଆ ରାସ୍ତା ମଧ୍ୟରୁ ମେଣ୍ଟଠାରୁ କାକୁଡିକୁଦକୁ ସଂଯୋଗ କରୁଥିବା ଖରାଦିନିଆ ରାସ୍ତାଟି ନିର୍ମାଣ କରାଯାଇଥିବାସ୍ଥଳେ ଅନ୍ୟ ୪ଟି ରାସ୍ତା କରାଯାଇ ନ ଥିଲା। ତେବେ ଗତ ବର୍ଷ ନଦୀରେ ବନ୍ୟା ଆସି ନ ଥିବାରୁ ପୂର୍ବରୁ ନିର୍ମିତ ରାସ୍ତାଟି ଲୋକଙ୍କ ଯାତାୟତ ନିମନ୍ତେ ଉପଯୋଗୀ ହୋଇଥିଲା। ମାତ୍ର କେତେଜଣ ଅସାଧୁ ବ୍ୟକ୍ତି ଏହାକୁ ଦେଖାଇ ମିଥ୍ୟା ବିଲ କରିଥିଲେ ବୋଲି ଅଭିଯୋଗ ହୋଇଥିଲା। ଚଳିତ ବର୍ଷ ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ କରିବାକୁ ଅଞ୍ଚଳବାସୀ ବିଭାଗୀୟ କର୍ତ୍ତୃପକ୍ଷ ଓ ବରୀ ବିଧାୟିକାଙ୍କ ନିକଟରେ ଦାବି କରିଛନ୍ତି। ଏ ସମ୍ପର୍କରେ ଜିଲା ଗ୍ରାମ୍ୟ ଉନ୍ନୟନ ବିଭାଗ ନିର୍ବାହୀ ଯନ୍ତ୍ରୀ ବିଜୟ କୁମାର ମହାରଣା କହିଛନ୍ତି, ଲୋକଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଶୀଘ୍ର ରାସ୍ତାନିର୍ମାଣ ପାଇଁ ପଦକ୍ଷେପ ନିଆଯିବ।

